# Akashvani, Sambalpur

## SAMBALPURI NEWS EVENING BULLETIN

**20 September 2025- 7.02 pm- 7.12 pm.**

*********************************************

୧- ବିଧାନ ସଭାର୍ ମୌସୁମୀ ଅଧିବେଶନ୍‌ର ୩ ନମ୍ବର୍ ଦିନେ ଭିଲ୍ ଆଏଜ୍ ବିରୋଧୀ ବିଧାୟକ୍‌ମାନ୍‌କର୍ ହୋହଲ୍ଲା ଲାଗି ଗୃହକାର୍ଯ୍ୟ ପ୍ରଭାବିତ୍ ।

- ଦିବଙ୍ଗତ ଆଘର୍ ବିଧାୟକ୍ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଉତ୍‌ରୁ ସୋମ୍‌ବାର୍‌ତକ୍ ଗୃହ ହେଲା ମୁଲ୍‌ତବୀ ।

୨- ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନ୍‌କର୍ ଦରବ୍ ବିକ୍‌ବାର୍‌କେ ଭୁବ୍‌ନେଶ୍ୱର୍ ସହେତେ ଫେଁ' ଜିଲ୍ଲା ନ ତିଆର୍ ହେବା ସୁଭଦ୍ରା ଶକ୍ତି ବଜାର୍ ।

୩- ୨୦୨୩ ବଛର୍ ଲାଗି ବିଶିଷ୍ଟ ମାଲାୟଲମ୍ ଅଭିନେତା ମୋହନ୍ ଲାଲ୍‌ଙ୍କୁ ମିଲ୍‌ବା ଦାଦା ସାହେବ୍ ଫାଲ୍‌କେ ପୁରସ୍କାର୍ ।

୪- ପୁରୀ ଶ୍ରୀମନ୍ଦିର୍ ନ ଧାଡ଼ିଦର୍ଶନ୍ ଲାଗି ଖୋବ୍ ଜଲ୍‌ଦି ଅନାଯିବା ମାର୍ଗଦର୍ଶିକା- କହେଲେ ଆଇନ୍‌ମନ୍ତ୍ରୀ ।

ଆଉର୍

୫- ମହାଳୟା ଅବ୍‌ସରେ ଶ୍ରୀ ଶ୍ରୀସମଲେଶ୍ୱରୀଙ୍କର୍ ଆଏବା କାଏଲ୍ ହେବା ଧବଲ୍‌ମୁଖୀ ବେଶ ।

ବିଧାନ୍‌ସଭା-୩ ନମ୍ବର୍ ଦିନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍‌ର ୩ ନମ୍ବର୍ ଦିନେ ଆଏଜ୍ ଭିଲ୍ ବିରୋଧୀ ବିଜେଡ଼ି ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ବାର୍‌ବାର୍ ଗୃହ ମୁଲ୍‌ତବୀ ହେଇଛେ । ହୋହଲ୍ଲା ଲାଗି ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲ୍‌ତବୀ ଆଲୋଚନା ବାଗିର୍ ଗୃହ କାର୍ଯ୍ୟ ବିଲ୍‌କୁଲ୍ ନାଇଁ ହେଇପାରି । ହୋହଲ୍ଲା ଜବର୍ ହେବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ଉପର୍‌ବେଲା ୪ ବଜେ ଗୃହକେ ଆଏବା ସୋମ୍‌ବାର୍ ତକ୍ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ଆଏଜ୍ ସଖାଲ୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ଗଲାକାଏଲ୍ ପରଲୋକ୍ ହେଇଥିବା ବୀରମିତ୍ରପୁର୍‌ର ଆଘର୍ ବିଧାୟକ୍ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକ ପ୍ରସ୍ତାବ୍ ଆଗତ୍ କରିଥିଲେ । ତାର୍ ଉତ୍‌ରୁ ବିରୋଧୀ ଦଲର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ୍ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକପ୍ରସ୍ତାବ୍‌କେ ସମର୍ଥନ୍

କରିଥିଲେ । ଶେଷେ ଗୁଟେ ମିନିଟ୍ ନୀରବ୍ ପ୍ରାର୍ଥନା କରିକରି ଶ୍ରଦ୍ଧାଞ୍ଜଲି ଦିଆଯାଇଥିଲା । ଇତାର୍ ଉତ୍ରୁ ବିଜେଡ଼ି ବିଧାୟକ୍‌ମାନେ ସାର କଳାବଜାର୍, ଆଉ ଅଭାବୀ ବିକ୍ରି ପ୍ରସଙ୍ଗକେ ନେଇକରି ଗୃହ ମଝାକେ ଆସିକରି ହୋହଲ୍ଲା କରିଥିଲେ । ହୋହଲ୍ଲା ଭିତ୍‌ରେ ମାତର୍‌କ ୧୩ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା ।

ତାର୍ ଉତ୍ରୁ ବାଚସ୍ପତି ସୁରମା ପାଢ଼ୀ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୪ ବଜେ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାର୍ ଫେର୍ ସମାନ୍ ଥିତି ଲାଗି ରହେବାର୍‌ନୁ ବାଚସ୍ପତି ଆଏବା ସୋମ୍‌ବାର୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ବିଧାନ୍‌ସଭା- ଲୋକ୍‌ସେବା ଭବନ୍  ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ନୂଆଁ ଲୋକ୍‌ସେବା ଭବନ୍ ନିର୍ମାଣ୍ ଲାଗି ମାଷ୍ଟର୍ ପ୍ଲାନ୍ ତିଆର୍ କର୍‌ବାର୍‌କେ ସେତୁ ଆଉ ନିର୍ମାଣ୍ ନିଗମ୍‌କେ ଦାୟିତ୍ୱ ଦିଆଯାଇଛେ ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଇହାଦେର୍ ଲୋକ୍‌ସେବା ଭବନ୍ ୭୮ ବଛର୍ ପୁର୍‌ନା ଆଏ । ଇ ପୁର୍‌ନା କୁଠା ନ ପାର୍କିଂ ସହେତେ ବହୁତ୍‌ଟେ ସମସ୍ୟା ରହିଛେ । ହେଥିର୍‌ଲାଗି ସର୍‌କାର୍ ନୂଆଁ

ଲୋକ୍‌ସେବା ଭବନ୍ ତିଆର୍ କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ । ମାଷ୍ଟର୍ ପ୍ଲାନ୍ ଅନୁମୋଦନ୍ ହେଲା ଉତ୍‌ରୁ ବ୍ୟୟ ବରାଦ୍ ହେବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ସୁଭଦ୍ରା- ଉପମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଭୁବ୍‌ନେଶ୍ୱର୍ ସହେତେ ଫି' ଜିଲ୍ଲା ନ ସୁଭଦ୍ରା ଶକ୍ତି ବଜାର୍ ତିଆର୍ କର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଗୁଟେ ଅଣତାରକା ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ସ୍ୱୟଂସହାୟକ ଗୋଷ୍ଠୀମାନେ ବନଉଥିବା ଦରବ୍ ମାନ୍‌କର୍ ବଜାର୍‌କରଣ୍ କରାଯିବା । ରାଜ୍ୟ ସର୍‌କାର୍ ଏବ୍‌ତକ୍ ୧୬ ଲାଖ୍ ୩୬ ହଜାର୍ ଲକ୍ଷପତି ଦିଦି ବନେଇଛନ୍ । ୨୦୨୪-୨୫ ବଛ୍‌ରେ ୩ ଲାଖ୍ ୫୨ ହଜାର୍‌ନୁ ଅଏତ୍‌କା ସ୍ୱୟଂ ସହାୟକ ଗୋଷ୍ଠୀକେ ୧୪ ହଜାର୍ ୪ ଶହ ୫୪ କୋଟି ଟଙ୍କାର୍ ଋଣ ଦେଇଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବିଦେଶୀ ପର୍ଯ୍ୟଟକ- ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୨୦୨୨ ମସିହା ଉତ୍‌ରୁ ଓଡ଼ିଶାକେ ବିଦେଶୀ ଆଉ ରାଜ୍ୟ ଭିତ୍‌ରର୍ ପର୍ଯ୍ୟଟକଙ୍କର୍ ସଂଖ୍ୟା ବଢ଼ିଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା - ଝାର୍‌ସୁଗୁଡ଼ା ବିଧାୟକ ଟଙ୍କଧର୍ ତ୍ରିପାଠୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ଉପମୁଖ୍ୟମନ୍ତ୍ରୀ କହିଛନ୍, ୨୦୨୨ ମସିହା ବେଲ୍‌କେ ଓଡ଼ିଶାକେ ୨୨ ହଜାର୍‌ନୁ ଅଏତ୍‌କା ବିଦେଶୀ ପର୍ଯ୍ୟଟକ୍ ଆସିଥିଲା ବେଲ୍‌କେ ୨୦୨୪ ବେଲ୍‌କେ ଇ ସଂଖ୍ୟା ୫୩ ହଜାର୍ ୩ ଶହ ୯୨ କେ ପୁହୁଁଚିଛେ ।

ଦାଦା ସାହେବ ଫାଲ୍‌କେ ପୁରସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ମାଲାୟାଲମ୍ ଅଭିନେତା ମୋହନ୍ ଲାଲ୍‌ଙ୍କୁ ୨୦୨୩ ବଛର୍ ଲାଗି ଦାଦା ସାହେବ ଫାଲ୍‌କେ ପୁରସ୍କାର୍ ପ୍ରଦାନ୍ କରାଯିବା । ଇ ବାବ୍‌ଦେ କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରଣାଳୟ ତର୍‌ଫୁ ଆଏଜ୍ ଘୋଷଣା କରାଯାଇଛେ । ଆଏବା ୨୩ ତାରିଖ୍ ହେବାର୍‌କେ ଥିବା ୭୧ ନମ୍ବର ଜାତୀୟ ଚଲଚ୍ଚିତ୍ର ପୁରସ୍କାର୍ ସମାରୋହଥି ତାଙ୍କୁ ଇ ପୁରସ୍କାର୍ ଦିଆଯିବା । ମୋହନ୍‌ଲାଲ୍ ଏକାସାଙ୍ଗେ ଝନେ ଅଭିନେତା, ନିର୍ଦ୍ଦେଶକ ଆଉ ପ୍ରଯୋଜକ ଭାବେ ବେଶ୍ ପରିଚିତ୍ । ସେ ଗଲା ୪ ଦଶନ୍ଧି ଧରିକରି ମାଲାୟାଲମ୍ ସାଙ୍ଗେ, ତାମିଲ୍, ତେଲ୍‌ଗୁ, କନ୍ନଡ଼ ଆଉ ହିନ୍ଦୀ ସିନ୍‌ମାଥି

ଅଭିନୟ କରିଛନ୍ । ଭଲ୍ ଅଭିନୟ ଲାଗି ତାଙ୍କୁ ୨ ଥର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ମିଳିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ମୋହଲ୍ ଲାଲ୍‌ଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ପୁରୀ ଶ୍ରୀମନ୍ଦିର୍ -ଧାଡ଼ିଦର୍ଶନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଧାଡ଼ିଦର୍ଶନ୍ ଲାଗି ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଅନାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଭକ୍ତମାନ୍‌କର୍ ଶୃଙ୍ଖଲିତ୍ ଧାଡ଼ିଦର୍ଶନ୍ ଲାଗି ପରିଚାଳନା କମିଟି ଅନୁମୋଦନ୍ କରିଛେ । ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉପକମିଟି ଗଠନ୍ କର୍‌ବାର୍‌କେ ପରିଚାଳନା କମିଟି ପ୍ରସ୍ତାବ୍ ଦେଇଛେ । ଉପକମିଟିର୍ ସେବକ ନିଯୋଗ ମାନ୍‌କର୍ ସଙ୍ଗେ ଆଲୋଚନା କର୍‌ବେ । ତାର୍ ଉତ୍‌ରୁ ଧାଡ଼ିଦର୍ଶନ୍ ନେଇକରି ମାର୍ଗଦର୍ଶିକା ଅନାଯିବା । ପହେଲା ପରୀକ୍ଷାମୂଳକ୍ ଭାବେ ଧାଡ଼ିଦର୍ଶନ୍ ହେବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଗଣଦୌଡ଼ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଆଏବା କାଏଲ୍ ସଖାଲର୍ ୭ ବଜେ ଦେଶର୍ ୭୫ ଟା ସହର୍ ନ ୧୦ ଲାଖ୍ ଯୁଆନ୍ ମାନ୍‌କୁ ନେଇକରି ଗଣଦୌଡ଼ ଆୟୋଜନ୍ କରାଯାଉଛେ । ଇ ଗଣଦୌଡ଼ର୍ ବାର୍ତା ହେଉଛେ ନିଶାମୁକ୍ତ ଭାରତ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ବିଶାଲ୍ ଗଣଦୌଡ଼ର୍ ଆୟୋଜନ୍ କରାଯାଇଛେ । ଗଣଦୌଡ଼କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭାରମ୍ଭ କର୍‌ବେ ।

ମହାଳୟା ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ନ ଆଏବା କାଏଲ୍ ମହାଳୟା ଲାଗି ନୀତିନିର୍ଘଂଟ ଥିର୍ କରାଯାଇଛେ । ସଖାଲର୍ ୫ ବଜେନୁ ମା' ସମଲେଶ୍ୱରୀଙ୍କର୍ ଧବଳ୍‌ମୁଖୀ ଦର୍ଶନ୍ ମୁଲ୍ ହେବା । ଇ ବାବ୍‌ଦେ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ର ସଭାପତି ସଞ୍ଜୟ କୁମାର୍ ବାବୁ କହିଛନ୍....
(ଭଏସ୍ ଓଭର୍-ସଞ୍ଜୟ କୁମାର୍ ବାବୁ)

ସେବା ପର୍ବ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା ଦେଶର୍ ଫି' ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ସୁନିଶ୍ଚିତ କର୍‌ବାର୍ ଦିଗେ ସର୍କାର୍‌ଙ୍କର୍ ଚେରେଷ୍ଟା ବାବ୍‌ଦେ....

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ)

*ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ ସର୍କାର୍ ଦେଶର୍ ଫି ନାଗରିକଙ୍କୁ ଭଲ୍ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲକ୍ଷ୍ୟଥି ସ୍ୱାସ୍ଥ୍ୟ ବୀମା ଙ୍କଭକ୍ଷଙ୍ଗଏ ଦେଇଆସୁଛନ୍ । ପ୍ରଧାନ୍‌ମନ୍ତ୍ରୀ ୨୦୧୫ ମସିହା ମେ ମାସେ ସମ୍‌କୁ ସୁଲଭ ବୀମା ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଜୀବନ୍ ଜ୍ୟୋତି ବୀମା ଯୋଜ୍‌ନା ଆଉ ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ଯୋଜ୍‌ନା ମୁଲ୍ କରିଥିଲେ । ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନା ଜରିଏ ଦୁର୍ଘଟଣା, ମୃତ୍ୟୁ ଆର୍ ଅକ୍ଷମତା ଲାଗି ୨ ଲାଖ୍ ଟଙ୍କାତକ୍ ଆର୍ଥିକ୍ ସାହାଜ୍ କରାଯାଏସି । ସେନ୍ତା ଜୀବନ୍‌ଜ୍ୟୋତି ବୀମା ଯୋଜ୍‌ନାଥି କେନ୍‌ସି ଭିଲ୍ କାରଣ୍‌ନୁ ମୃତ୍ୟୁ ହେଲେ ବୀମା ସାହାଜ୍ ରାଶି ଯୁଗେଇ ଦିଆଯାଏସି । ଯୋଜ୍‌ନା ମାନ୍‌କର୍ ଶୁଭାରମ୍ଭ ସମାରୋହକେ ସମ୍ବୋଧିତ୍ କରିକରି*

*ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇଟା ସମାଜ୍‌ର ଦୁର୍ବଲ୍ ଆଉ ମଧ୍ୟବିତ ବର୍ଗକେ ସୁରକ୍ଷା ଦେବାର୍ ଲାଗି ସାହାଜ୍ କର୍‌ବା ।*

*(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)*

*ପ୍ରଧାନ୍‌ମନ୍ତ୍ରୀ ଜନ ଆରୋଗ୍ୟ ଯୋଜ୍‌ନା ହେଉଛେ ପୁର୍‌ଥିର୍ ସବୁନୁ ବଡ଼ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନା । ଇତାର୍‌ଜରିଏ ଦେଶର୍ ସବୁ ସର୍‌କାରୀ ଆଉ ବେସର୍‌କାରୀ ତାଲିକାଭୁକ୍ତ ଡାକ୍ତର୍‌ଖାନାମାନ୍‌କେ ୨ ଆଉ ୩ ନମ୍ବର୍ ସ୍ତର୍‌ଥି ଚିକିତ୍ସା ସୁବିଧା ଯୁଗେଇ ଦେବାର୍‌କେ ଫି’ ପରିବାର୍‌କେ ବଛର୍‌କ ୫ ଲାଖ୍ ଟଙ୍କାର୍ ବୀମା ସାହାଜ୍ ଦିଆଯାଉଛେ । ଆକାଶ୍‌ବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

*(ସେବା ପର୍ବ ଏସ୍.ଟି)*

ଗଣମାଧ୍ୟମ୍ ସଂସ୍ଥା ପ୍ରତିଷ୍ଠା ଦିବସ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଗଣମାଧ୍ୟମ ହେଉଛେ ସମାଜ୍‌ର ଚଳନ୍ତି ଇତିହାସ୍ ଆଉ ଇ ଇତିହାସ୍ ସବୁବେଲେ ଶିକ୍ଷା ଦେସି ଆର୍ ଆଗ୍‌କେ ବଢ଼୍‌ବାର୍‌କେ ପ୍ରେରଣା ଦେସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗୁଟେ ଘରୋଇ ଖବର୍ କାଗଜ୍ ସଂସ୍ଥାର୍ ଥାପ୍‌ନା ଦିବସ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇଟା କହିଛନ୍ ।

## ମହକ୍ ଆର୍ ଉତ୍ସାହ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବୀରନରସିଂହପୁର୍ ଠାନେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ୍ ରାମକୃଷ୍ଣ ବାଲାଶ୍ରମ୍ ଠାନେ ମହକ୍ ଆର୍ ଉତ୍ସାହ-୨୦୨୫ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଲ୍ ବିନୟ କୁମାର୍ ଭୋଇ ଯୋଗ୍ ଦେଇକରି ଛୁଆମାନେ ଅନୁଶାସନ୍ ଆଉ ପରମ୍ପରାକେ ଅନୁସରଣ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ଛୁଆମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

## ଜିଏସ୍‌ଟି ସଚେତନତା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବାଣିଜ୍ୟକର ଆଉ ଦ୍ରବ୍ୟ ଆଉ ସେବକର ମଣ୍ଡଳ ତର୍ଫୁ ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ସମ୍ବଲ୍‌ପୁର୍ ଅତିରିକ୍ତ ଆୟୁକ୍ତ ସିଦ୍ଧାର୍ଥ ଦାସ ଯୋଗ୍ ଦେଇଥିଲେ ।

## ନୂଆପଡ଼ା ଜିଲ୍ଲାପାଲ୍ ସ୍ୱାସ୍ଥ୍ୟବିଭାଗ୍ ସମୀକ୍ଷା        ନୂଆପଡ଼ା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର୍ ଧନେଶ୍ୱର୍ ସେଠୀଙ୍କର୍ ସହେତେ ବିଭାଗ୍‌ର ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସ୍ୱଚ୍ଛତା ପକ୍ଷ- ପ୍ରଧାନ୍‌ପାଟ୍ ଦେବ୍‌ଗଡ଼୍ ସମ୍ବାଦଦାତା

ସ୍ୱଚ୍ଛତା ପକ୍ଷ ଅବ୍‌ସରେ ଦେବ୍‌ଗଡ଼୍ ଜିଲ୍ଲା ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆଏଜ୍ ପ୍ରଧାନ୍‌ପାଟ୍ ଠାନେ ଆଏଜ୍ ସଫେଇ ଅଭିଯାନ୍ କରାଯାଇଛେ । ଜିଲ୍ଲା ପର୍ଯ୍ୟଟନ୍ ଅଧିକାରୀ ଆଉ ଡେପୁଟୀ କଲେକ୍ଟର୍ ଲକ୍ଷ୍ମଣ ଅମାତ୍ୟଙ୍କର୍ ନେତୃତ୍ୱଥି ପ୍ରଧାନ୍‌ପାଟ୍ ପର୍ଯ୍ୟଟନ୍ ସ୍ଥଲିକେ ସଫା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଉତର୍, ଦକ୍ଷିଣ ଉପକୂଲ ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ରାଜ୍ୟର୍ ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ । ଯାଜ୍‌ପୁର୍ ଆଉ କେନ୍ଦ୍ରାପଡ଼ା ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍

ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।